# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ରୁତ୍ ଏକ ପ୍ରେମ କାହାଣୀ

ଲେଖକ: Edward Hughes
ଦୃଷ୍ଟାନ୍ତ: Janie Forest
ଉପଯୋଜକ: Lyn Doerksen
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2015 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯଦି ତୁମେ ତୁମର ପରଜେଜେ, ସେମାନଙ୍କର ପିତାମାତାଙ୍କର ଦେଖାପାଅ, ଓ ସେ ସମସ୍ତ ଲୋକ ଯେଉଁମାନେ ତୁମ ଆଗରେ ତୁମ ପରିବାରରେ ଥିଲେ, ସେମାନଙ୍କୁ ଦେଖି ଏମାନେ କିପରି ଲୋକ ଏହା ଭାବି ତୁମେ ଆଶ୍ଚର୍ଯ୍ୟ ମଧ୍ୟ ହୋଇପାର । ବାଇବଲରେ, ରୂତ୍ ଥିଲେ ଯୀଶୁଙ୍କର ପୂର୍ବପୁରିଷମାନଙ୍କ ମଧ୍ୟରୁ ଜଣେ । ସେ ମୋୟାବ ଦେଶିୟା ଓ ଏକ ପ୍ରତିମାପୂଜିକା ଥିଲା ।



ରୂତର କାହାଣୀ ଇସ୍ରାୟେଲରେ ଶାମ୍‌ଶୋନଙ୍କ ସମୟ ପରେ ଆରମ୍ଭ ହୁଏ, ଯେତେବେଳେ ସଦାପ୍ରଭୁଙ୍କ ଲୋକମାନେ ଇଶ୍ୱରଙ୍କ ଉପରେ ଭରଷା କରିବା ଓ ପ୍ରଭୁଙ୍କୁ ଆଜ୍ଞା ମାନିବାକୁ ତୁଛ କଲେ । ଏକ ଭୟଙ୍କର ଅକାଳ ଦୁର୍ଭୀକ୍ଷ ଦେଶସାରା ବ୍ୟାପିଗଲା । ତୁମେ ଜାଣ କି ଅକାଳ କଅଣ, ତାହା ଠିକ୍, ଦୁର୍ଭୀକ୍ଷ ହେଲେ ଦେଶରେ କୌଣସି ପ୍ରକାରର ଫଳ, କିମ୍ବା ଫସଲ ବଢ଼େନାହିଁ, ଫଳରେ ଖାଦ୍ୟର ଅଭାବରେ ପଶୁପକ୍ଷୀ ଓ ଲୋକମାନଙ୍କର ମୃତ୍ତୁ ହୋଇଯାଏ ।





ଜଣେ ଲୋକ, ଏଲିମେଲକ, ଖାଦ୍ୟ ନିମନ୍ତେ ବେଥଲିହିମ ପରିତ୍ୟାଗ କରି ଆପଣା ଭାର୍ଯ୍ୟା ଓ ଦୁଇ ପୁତ୍ରମାନଙ୍କ ସହିତ ବାହାରିଲା, ସେ ମୋୟାବ ଦେଶରେ ବସତି କରିବାକୁ ଗଲା । ସେହି ଦେଶରେ ଲୋକମାନେ ପ୍ରତିମା ପୂଜକ ଥିଲେ ।



ମୋୟାବ ଦେଶରେ
ଏଲିମେଲକ ଓ ତାଙ୍କ
ପରିବାର ପାଇଁ କିଛି ଭଲ ହେଲା ନାହିଁ । ତାଙ୍କର ମୃତ୍ୟୁ
ହୋଇଗଲା, ପରେ ପରେ ତାଙ୍କର ଦୁଇ ପୁତ୍ରମାନେ ମଧ୍ୟ
ପ୍ରାଣତ୍ୟାଗ କଲେ ।




କେବଳ ତାଙ୍କର ପତ୍ନୀ ନୟମୀ ତାଙ୍କର ଦୁଇ ପୁତ୍ରବଧୂମାନ ଅର୍ପା ଓ ରୂତଙ୍କ ସହିତ
ଅବଶିଷ୍ଟ ରହିଲେ । ସେହି ପୁତ୍ରବଧୂମାନେ ଦୁହେଁ ମୋୟାବ ଦେଶର ଥିଲେ ।

ନୟମୀ, ବର୍ତମାନ୍ ସେ ବିଧବା ଅଟନ୍ତି, ସୁଣିପାରଲେ ଯେ ସଦାପ୍ରଭୁ ଆପଣା ଲୋକମାନଙ୍କର ତତ୍ତ୍ୱାବଧାନ କରି ଆହାର ଦେଇଛନ୍ତି । ସେ ନିଜ ଦେଶକୁ ଫେରିଯିବାକୁ ମନସ୍ତ କଲେ । କିନ୍ତୁ ସେହି ଦୁଇ ଝିଅମାନେ କଅଣ କରିବେ, ନୟମୀ ଆପଣା ପୁତ୍ରବଧୂମାନଙ୍କୁ କହିଲା ତୁମ୍ଭମାନେ ଆପଣା ଆପଣାର ମାତାର ଗୃହକୁ ଫେରିଯାଅ ଓ ମୋୟାବ ଦେଶରେ ରହି ପୁଣିଥରେ ବିବାହ କର ।



ଅର୍ପା ନିଜର ମାତାର ଗୃହକୁ ଫେରିଗଲା । କିନ୍ତୁ ରୁତ ଅସ୍ୱୀକାର କଲା । ବଦଳରେ ସେ ଏକ କବିତା ଯାହା ପ୍ରତିଜ୍ଞା କରେ ସେ ତାଙ୍କର ଶାସୁଙ୍କୁ କଦାପି ତ୍ୟାଗ କରିବେ ନାହିଁ ।



ନୟୋମୀଙ୍କ ପୂର୍ବତନ ବନ୍ଧୁମାନେ ତାଙ୍କ ନିଜ ଦେଶ ବେଥଲିହିମକୁ ଫେରିବାର ଦେଖି ବହୁତ ଖୁସି ହେଲେ । କିନ୍ତୁ ସେ ସେମାନଙ୍କୁ କହିଲେ ତୁମ୍ଭେମାନେ ମୋତେ ନୟୋମୀ ବଦଳରେ ମାରା (ତିକ୍ତ) ବୋଲି ଡାକ । ଯେହେତୁ ଶର୍ବଶକ୍ତିମାନ୍ ମୋତେ ଅତି ତିକ୍ତ ବ୍ୟବହାର କରିଅଛନ୍ତି । ନୟୋମୀ କେବଳ ରୂତ ସହିତ ଫେରି ଆସିଛନ୍ତି ଆଉ କିଛି ନାହିଁ ।





ମୋୟାବ ଦେଶରେ ଅନେକଙ୍କ ପରି ରୂତ ମଧ୍ୟ
ପ୍ରତିମାପୂଜିକା ଥିଲେ, ସେ ସେଠାରୁ ଇସ୍ରାଏଲ୍
ଜୀବୀତ ପରମେଶ୍ୱରଙ୍କର ଉପାସକ ହୋଇଗଲେ ।
ନୟୋମୀଙ୍କ ନିମନ୍ତେ ଯେପରି  ଖାଦ୍ୟଭାବ ରହିବ
ନାହିଁ ସେଥିପାଇଁ ରୂତ କଠିନ ପରିଶ୍ରମ କଲେ ।
ସବୁଦିନ ସେ ଶସ୍ୟଛେଦକମାନଙ୍କର ପଶ୍ଚାତ୍
ପଶ୍ଚାତ୍ ରାଁ କରିବାକୁ ଲାଗିଲା ।







ବୋୟାଜ, ସେହି ଜମିର ମାଲିକ ରୂତ ଯେ
ତାଙ୍କ ଶାଶୁଙ୍କ ସହିତ ଯେରୂପ ବ୍ୟବହାର
କରିଥିଲେ ତାହା ବିଷୟରେ ଶୁଣଲେ ।
ସେ ଯେତେବେଳେ ତାଙ୍କୁ ଦେଖିଲେ,
ବୋୟାଜ ରୂତଙ୍କୁ ସେହାଯ୍ୟ କରିବାକୁ
କିଛି ଶଶ୍ୟ ପଛରେ ଛାଡ଼ିଯିବାକୁ ନିଜର
ଶସ୍ୟଛେଦକମାନଙ୍କୁ ଆଜ୍ଞା ଦେଲେ ।
କାରଣ ବୋୟାଜ ରୂତଙ୍କୁ ପସନ୍ଦ
କରିବାକୁ ଲାଗିଲେ ।



ଯେତେବେଳେ ରୂତ ବୋୟାଜ
ଓ ତାଙ୍କର ଦୟା ବିଷୟରେ
ନୟୋମିଙ୍କୁ କହିଲେ, ସେହି
ବୃଦ୍ଧା ସ୍ତ୍ରୀ ପ୍ରଭୁଙ୍କର ପ୍ରସଂଶା
କଲେ । ସେହିଲୋକ ଜଣେ
ଆମ୍ଭମାନଙ୍କର ନିକଟ
କୁଟୁମ୍ବ, ଆମ୍ଭମାନଙ୍କର
ମୁକ୍ତିକର୍ତ୍ତା ଜ୍ଞାତିମାନଙ୍କ
ମଧ୍ୟରେ ଜଣେ ଅଟଇ ।





ସମୟ ବିତିଯାନ୍ତେ, ବୋୟାଜ ରୁତଙ୍କୁ ବିବାହ ଓ ନୟୋମୀ ଏ
ତାଙ୍କ ପାରବାରକ ଜମୀର ଦେଖାଶୁଣା କରିବାକୁ ଇଛାକଲେ । କିନ୍ତୁ
ଆଉଜଣେ ନିକଟ ସମ୍ପର୍କୀୟର ପ୍ରଥମ ଅବସର ହେବା ଆବଶ୍ୟକ ।
ସେହି ଲୋକ ରୁତଙ୍କର ଜମୀକୁ ଚ଼ାହିଲେ କିନ୍ତୁ ରୁତଙ୍କୁ ବିବାହ
କରିବାକୁ ମନା କଲେ । ଦେଶର ନିୟମ ଅନୁସାରେ ଗୋଟିଏ
ଛାଡ଼ି ଅନ୍ୟଟା ଗ୍ରହଣ କରିବା ବିଧି ନଥିଲା ।

ସେହି ସମୟରେ, ଲୋକମାନେ ଚୁକ୍ତିବଧ କରିବାକୁ ହାତ ମିଶାଉନଥିଲେ । ବୋୟାଜ ନିଜର ଜୋତା ଉତ୍ତାରିଲେ ଓ ଲୋକଙ୍କ ସାମନାରେ ଆରଜଣକୁ ଦେଲେ । ଏହା ଇସ୍ରାୟେଲ ମଧ୍ୟରେ ସାକ୍ଷ୍ୟ ସ୍ୱରୁପ ହେଲା । ବର୍ତ୍ତମାନ୍ ରୂତ ତାଙ୍କର ସ୍ତ୍ରୀ ହେବେ ।

ଏବେ ରୂତ ଓ ନୟୋମୀ ବୋୟାଜ ପରିବାରର ସଦଶ୍ୟ ଅଟନ୍ତି ।





ବୋୟାଜ ଓ ରୂତ ସେମାନଙ୍କର
ପ୍ରଥମଜାତ ପୁତ୍ରସନ୍ତାନର ନାମ
ଓବେଦ ରଖିଲେ । ସେ ପରେ
ଦାଉଦ ଏକ ମହାନ ରାଜାଙ୍କର
ଜେଜବାପା ହୋଇଗଲେ ।

କିନ୍ତୁ ଆହୁରି ଅଧିକ ଚମତ୍କାର ଭାବରେ, ସେହି ଛୋଟ ଓବେଦ୍ ଯୀଶୁଖ୍ରୀଷ୍ଟଙ୍କର ପୂର୍ବପୁରୁଷ ହୋଇଗଲେ । ଯୀଶୁ ରାଜାମାନଙ୍କର ରାଜା ହେବକୁ ଓ ଜଗତର ଉଦ୍ଧାରକର୍ତ୍ତା ଭାବେ ସେହି ଦାଉଦଙ୍କ ବଂଶଧର ହୋଇ ଆସିଲେ ।



ରୂତ୍ ଏକ ପ୍ରେମ କାହାଣୀ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ରୂତ

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ
ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ ।
ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ,
ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ
ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ
ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ
ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚ଼ିର କାଳ ପର୍ଯନ୍ତ ବାସ
କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ
କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ
ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚ଼ିରକାଳ ରହିବି ।
ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ
କଥୋପକଥନ ହୁଅନ୍ତୁ । ଯୋହନ ୩:୧୬